भारतीय प्रौद्योगिकी संस्थान भुवनेश्वर
**Indian Institute of Technology Bhubaneswar**

**Press Release**

# ଆଇଆଇଟି ଭୁବନେଶ୍ୱରରେ ପ୍ରଥମ ଅଲ୍ ଓଡ଼ିଶା ଇଣ୍ଟର୍ କ୍ଲବ୍ ରୋଲର୍ ସ୍କେଟିଂ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ

**ଭୁବନେଶ୍ୱର, ୮ ଅକ୍ଟୋବର୍ ୨୦୨୩:** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପରିସରରେ ଆଜି ପ୍ରଥମ ଅଲ୍ ଓଡ଼ିଶା ଇଣ୍ଟର୍ କ୍ଲବ୍ ରୋଲର୍ ସ୍କେଟିଂ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ସ୍କେଟିଂକୁ ପ୍ରୋତ୍ସାହନ ପ୍ରଦାନ ତଥା ସମଗ୍ର ରାଜ୍ୟର ସ୍କେଟର୍‌ମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଏହି ଚାମ୍ପିଅନ୍‌ଶିପ୍‌ର ଆୟୋଜନ ପାଇଁ ଏହାର ପରିସରରେ ଉପଯୁକ୍ତ ସ୍ଥାନ ପ୍ରଦାନ କରି ସହଯୋଗ କରାଯାଇଥିଲା।

ସମଗ୍ର ରାଜ୍ୟର ବିଭିନ୍ନ ସ୍କେଟିଂ କ୍ଲବ୍‌ରୁ ୨୦୦ରୁ ଉର୍ଦ୍ଧ୍ୱ ସ୍କେଟର୍ ଏହି ପ୍ରତିଯୋଗିତାରେ, ବିଗିନର୍, ଫ୍ୟାନ୍ସି ଇନ୍‌ଲାଇନ୍, ପ୍ରଫେସନାଲ୍ କ୍ୱାଡ୍ ଏବଂ ପ୍ରଫେସନାଲ୍ ଇନ୍‌ଲାଇନ୍ ଆଦି ୪ଟି ବର୍ଗରେ ଅଂଶଗ୍ରହଣ କରିଥିଲେ। ଏହି ଦିନିକିଆ ଚାମ୍ପିଅନ୍‌ଶିପ୍‌ରେ ୬ ବର୍ଷରୁ କମ୍ ବୟସରୁ ୧୯ ବର୍ଷରୁ କମ୍ ବୟସ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗରେ ସ୍କେଟର୍‌ମାନେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଉଦ୍‌ଯାପନୀ ସମାରୋହରେ ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

ଏହି ଅବସରରେ ଅତିଥି ଭାବେ ଯୋଗ ଦେଇ ଆଇଆଇଟି ଭୁବନେଶ୍ୱରର ରେଜିଷ୍ଟ୍ରାର୍ ଶ୍ରୀ ବାମଦେବ ଆଚାର୍ଯ୍ୟ ଚାମ୍ପିଅନ୍‌ଶିପ୍‌ରେ ଭାଗ ନେଇଥିବା ସ୍କେଟର୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରୀଡ଼ାର ପ୍ରୋତ୍ସାହନ ଦିଗରେ ବିଭିନ୍ନ ସ୍କେଟିଂ କ୍ଲବ୍ ତଥା ଚାମ୍ପିଅନ୍‌ଶିପ୍‌ର ଆୟୋଜକମାନଙ୍କୁ ସେମାନଙ୍କ ଉଦ୍ୟମ ପାଇଁ ମଧ୍ୟ ସେ ପ୍ରଶଂସା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ, ଏହି ଅବସରରେ ପ୍ରମେୟ ଓ ନ୍ୟୁଜ୍‌୭ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁନୀଲ କୁମାର ଦାସ, ଜୟ ଓଡ଼ିଶାର ପ୍ରତିଷ୍ଠାତା ତଥା ତୃପ୍ତି ମୋଟର୍‌ର ନିର୍ଦ୍ଦେଶକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସ୍କୁଲ୍ ଅଫ୍ ବେସିକ୍ ସାଇନ୍ସେସ୍‌ର ଆସୋସିଏଟ୍ ପ୍ରଫେସର୍ ଡଃ ଚନ୍ଦ୍ରଶେଖର ଭାମିଡିପତି ଏହି ଚାମ୍ପିଅନ୍‌ଶିପ୍‌ର ସଂଯୋଜନା କରିଥିଲେ। ନୁଭାମା ୱେଲ୍‌ଥ ଆଣ୍ଡ୍ ଇନ୍‌ଭେଷ୍ଟମେଣ୍ଟ ଲିମିଟେଡ୍, ଭୁବନେଶ୍ୱରର କାର୍‌ଲାଇନ୍ ଟେକ୍ନୋଲୋଜିସ୍, ମୋଞ୍ଜିନିସ୍, ଏଆର୍‌ଟେଲ୍ ଏବଂ ସନ୍‌ଶାଇନ୍ ହସ୍ପିଟାଲ୍ ଆଦି ଅନୁଷ୍ଠାନ ଏହି ଚାମ୍ପିଅନ୍‌ଶିପ୍‌ର ଆୟୋଜନରେ ସହାୟତା ଓ ସହଯୋଗ ପ୍ରଦାନ କରିଥିଲେ।

------------------